# କବିବର ରାଧାନାଥ ରାୟଙ୍କ ଜୀବନୀ

**୧୮୪୮, ୨୮ ସେପ୍ଟେମ୍ବର – (ଶକାବ୍ଦ ୧୭୭୧ ଆଶ୍ୱିନ ୧୫ଦିନ)**

ବାଲେଶ୍ୱର ଜିଲ୍ଲାର ସୋର ବ୍ଲକ୍ ଅନ୍ତର୍ଗତ କେଦାରପୁର ଗ୍ରାମରେ ପିତା ସୁନ୍ଦର ନାରାୟଣ ରାୟ ଓ ମାତା ତାରିଣୀ ଦାସୀଙ୍କ କୋଳରେ ରାଧାନାଥ ରାୟଙ୍କ ଜନ୍ମ ଲାଭ ।

୧୮୫୨ ଅନୁଜ ଯଦୁନାଥର ଜନ୍ମଲାଭ

୧୮୫୩ ମାତା ତାରିଣୀ ଦାସୀଙ୍କ ଇହଧାମ ତ୍ୟାଗ

୧୮୫୪ ନିଜ ଗ୍ରାମରେ ପିତା ସୁନ୍ଦର ନାରାୟଣ ରାୟ ପ୍ରତିଷ୍ଠା କରିଥିବା ପାଠଶାଳାରେ ଛଅବର୍ଷ ବୟସରେ ରାଧାନାଥଙ୍କ ବିଦ୍ୟାରମ୍ଭ

୧୮୫୬ ନୂତନ ଭାବେ ପ୍ରତିଷ୍ଠିତ ଭର୍ନାକୁଲାର ବିଦ୍ୟାଳୟରେ ରାଧାନାଥଙ୍କ ପ୍ରବେଶ ଓ ସଂସ୍କୃତ ଶିକ୍ଷାରମ୍ଭ ବିଦ୍ୟାଳୟର ବାର୍ଷିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ଆଧାରରେ ପୁରସ୍କାର ଲାଭ । ବିଦ୍ୟାଳୟର ବାର୍ଷିକ ବିବରଣୀରେ ଉଲ୍ଲିଖିତ ଥିଲା ଯେ- *"... the progress made by the boys of the two sections is pretty fair. I recommend Radhanath Ray as deserving a prize. x x x of the second year class Radhanath Ray is decidedly the best and he has won the highest number of marks."*

୧୮୫୮ ସମାଜ ସଂସ୍କାରକ କର୍ମବୀର ଗୌରୀଶଙ୍କର ରାୟଙ୍କ ସହ ରାଧାନାଥଙ୍କ ସାକ୍ଷାତ ଓ ବାଲେଶ୍ୱର ହାଇସ୍କୁଲରେ (ବର୍ତ୍ତମାନ *ବାଲେଶ୍ୱର ଜିଲ୍ଲା ସ୍କୁଲ*) ଷଷ୍ଠ ଶ୍ରେଣୀରେ ପ୍ରବେଶ । ସେଥି ସହିତ ପାର୍ସି ଓ ଉର୍ଦ୍ଦୁ ଶିକ୍ଷାରମ୍ଭ

୧୮୬୪ କଲିକତା ବିଶ୍ୱବିଦ୍ୟାଳୟ ଏଂଟ୍ରାନ୍ସ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୪ ଟଂକା ଶିକ୍ଷାବୃତ୍ତି ଲାଭ । କଲିକତାର ପ୍ରେସିଡେନସି କଲେଜରେ ନାମଲେଖା, କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ କଲେଜ ତ୍ୟାଗ ତିରିଶି ଟଂକା ମାସିକ ବେତନରେ ବାଲେଶ୍ୱର ହାଇସ୍କୁଲରେ ତୃତୀୟ ଶିକ୍ଷକ ଭାବେ ଜୁନ ୨୩ରେ କାର୍ଯ୍ୟରେ ଯୋଗଦାନ

୧୮୬୫ ଶିକ୍ଷକତା କାର୍ଯ୍ୟରେ ପାରଦର୍ଶିତା ପାଇଁ ରାଧାନାଥଙ୍କୁ ପ୍ରଧାନ ଶିକ୍ଷକଙ୍କ ପ୍ରଶଂସା । ତାଙ୍କ ଭାଷାରେ– *"The third master Babu Radhanath Rai is an intelligent young man and though sometimes before he was little prone to carelessness, he has lately given me great satisfaction."*

ବାଲେଶ୍ୱର ମିସନ ସ୍କୁଲର ପ୍ରଧାନ ଶିକ୍ଷକ ଫକୀରମୋହନ ସେନାପତି, ମଧୁସୂଦନ ଦାସ (ଉତ୍କଳ ଗୌରବ) ଓ ବାଲେଶ୍ୱରରେ ପ୍ରଥମ ଛପାଖାନା ବସାଇଥିବା ଦାମୋଦରପ୍ରସାଦ ଦାସଙ୍କ ସହିତ ରାଧାନାଥଙ୍କ ସାକ୍ଷାତ ।

୧୮୬୬ ବିଚିତ୍ରାନନ୍ଦ ଦାସ, ଜଗନମୋହନ ରାୟଙ୍କ ସହଯୋଗରେ ଗୌରୀଶଙ୍କର ରାୟଙ୍କ ଦ୍ୱାରା *ଉତ୍କଳଦୀପିକା* ଖବରକାଗଜ ପ୍ରକାଶନ ଆରମ୍ଭ । ସେହି ଖବରକାଗଜରେ ରାଧାନାଥଙ୍କ ଦ୍ୱାରା ନଅଙ୍କ ଦୁର୍ଭିକ୍ଷର କରାଳ ଚିତ୍ର ବର୍ଣ୍ଣନା

୧୮୬୮ *ବୋଧଦାୟିନୀ* ଓ *ବାଲେଶ୍ୱର ସମ୍ବାଦବାହିକା* ପତ୍ରିକାରେ ରାଧାନାଥଙ୍କଦ୍ୱାରା ସଂସ୍କୃତ *ମେଘଦୂତ* କାବ୍ୟର ଓଡ଼ିଆ ଅନୁବାଦ ପ୍ରକାଶିତ

୧୮୬୯ ଜଣେ ଘରୋଇ ଛାତ୍ର ଭାବେ ରାଧାନାଥଙ୍କର ଏଲ୍.ଏ. (ଏଫ୍.ଏ.) ପରୀକ୍ଷାରେ ସଫଳତା ଓ ପୁରୀ ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବେ ନିଯୁକ୍ତି । ସେଠାରେ ରାଧାନାଥଙ୍କ ସହିତ ଏକାଦଶ ଶ୍ରେଣୀର ଛାତ୍ର ମଧୁସୂଦନ ରାଓଙ୍କ ଘନିଷ୍ଠତା ବୃଦ୍ଧି

୧୮୭୦ ରାଧାନାଥଙ୍କ ବିଷୟରେ ମତ ଦେଇ ପୁରୀ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ କହନ୍ତି, *"I am mainly indebted to the exertions and assistance of the second master, Babu Radhanath Rai, in bringing the school to its present prosperous condition and for the successful results of the university entrance examination. In a word within my whole experience, I have never met with such an energetic teacher."*

ବିଦ୍ୟାଳୟ ସମୂହର ଇନସପେକ୍ଟର କୁଞ୍ଜବିହାରୀ ଚକ୍ରବର୍ତ୍ତିଙ୍କ ମତକୁ ଗ୍ରହଣ କରି ଶିକ୍ଷା ବିଭାଗର ମୁଖ୍ୟ ମାର୍ଟିନ କହନ୍ତି, *"I have much pleaser saying that I believe the late Headmaster's statement to be strictly correct, that Radhananath Babu has passed the First Arts Examination and is most anzious to have a transfer as will enable him to pass the Degree Examination of the University and that as his home is in Orissa. I hope, he will be one of those who will contribute to the uprising of the province. (General report of Public Instruction, 1870, p-142)*

ପରଶମଣିଙ୍କ ସହିତ ରାଧାନାଥଙ୍କ ବିବାହ

୧୮୭୧ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ରାଧାନାଥ ଚାରିମାସ ପାଇଁ ଛୁଟି ଗ୍ରହଣ ଓ ସେହି ସମୟରେ ସେ ସଙ୍ଗୀତ ଓ ଆଇନ ଶିକ୍ଷା ଲାଭ

୧୮୭୨ ଦ୍ୱିତୀୟ ଶିକ୍ଷକ ଭାବେ ରାଧାନାଥ ବାଙ୍କୁଡ଼ା ସ୍କୁଲରେ ଯୋଗଦାନ ଓ ଶିବାଦେଶ ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ବିରୋଧୀ କାର୍ଯର ପ୍ରତିବାଦ କରିବାରୁ ପଦ ଅବନତି

୨୬ ଜୁନରେ ଡେପୁଟି ଇନସପେକ୍ଟର ଭାବେ ପୁଣି କାର୍ଯ୍ୟରେ ଯୋଗଦାନ

୧୮୭୩ ରାଧାନାଥଙ୍କ ପିତୃବିୟୋଗ

୧୮୭୬ ରାଧାନାଥଙ୍କ ଜ୍ୟେଷ୍ଠ ପୁତ୍ର ଶଶିଭୂଷଣଙ୍କ ଜନ୍ମଲାଭ

ଜଏଂଟ ଇନସପେକ୍ଟର ନନ୍ଦକିଶୋର ଦାସଙ୍କର ରାଧାନାଥଙ୍କୁ ଉଚ୍ଚ ପ୍ରଶଂସା । ସେ କହନ୍ତି, *"……….. Among other causes, Balasore school owe their success to intelligent supervision by the Deputy Inspector of Balasore, Radhanath Rai, who takes more than an official interest in his work. Radhanath Rai, 3rd Grade Deputy Inspector, Balasore deserves high commendations for the intelligence, tact, earnestness, which he has shown in the execution of his duties."*

୧୮୭୭ ୨୪ ନଭେମ୍ବରରେ ଓଡ଼ିଶାର ଜଏଂଟ ଇନସପେକ୍ଟର ଭାବେ ରାଧାନାଥଙ୍କ କାର୍ଯ୍ୟରେ ଯୋଗଦାନ

୧୮୭୮ ରାଧାନାଥଙ୍କ ଦ୍ୱିତୀୟ ପୁତ୍ର ରଜନୀଭୂଷଣର ଜନ୍ମଲାଭ

ଉତ୍କଳ ସଭାର ବାର୍ଷିକ ଅଧିବେଶନରେ ରାଧାନାଥଙ୍କ ସଭାପତିତ୍ୱ

୧୮୭୯ ଓଡ଼ିଶାର ଇନସପେକ୍ଟର ଦାୟିତ୍ୱରେ ଥିବା ଭୂଦେବ ମୁଖାର୍ଜୀଙ୍କ ଦ୍ୱାରା ଇନସପେକ୍ଟର ପଦପାଇଁ ରାଧାନାଥଙ୍କ ନାମ ସୁପାରିଶ

୧୮୮୦ କାଶୀପୁରର ଜମିଦାର ଗୋବିନ୍ଦ ବଲ୍ଲଭ ରାୟଙ୍କ ସହିତ ରାଧାନାଥଙ୍କ ଭଉଣୀ ସ୍ୱର୍ଣ୍ଣମୟୀର ବିବାହ

୧୮୮୧ ମୟୁରଭଞ୍ଜର ରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରାଧାନାଥଙ୍କୁ ଅଧିକ ଦରମାରେ ଦେଓ୍ୱାନ ପଦ ଅର୍ପଣ, କିନ୍ତୁ ତାହାକୁ ରାଧାନାଥଙ୍କ ପ୍ରତ୍ୟାଖ୍ୟାନ

୧୮୮୪ ରାଧାନାଥଙ୍କ ଉତ୍ତର ପଶ୍ଚିମ ଭାରତ ଭ୍ରମଣ

୧୮୮୬ ରାଧାନାଥଙ୍କ ତାଳଚେର, ବାମଣ୍ଡା, ପାଲଲହଡ଼ା ଓ କେଉଁଝର ଗଡ଼ଜାତ ରାଜ୍ୟ ଭ୍ରମଣ ଓ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ସହିତ ଘନିଷ୍ଠତା । ସେହି ଅବସରରେ ରାଜା ବାସୁଦେବ ସୁଢଳ ଦେବଙ୍କଦ୍ୱାରା ରାଧାନାଥଙ୍କୁ କବିବର ଉପାଧି ସହିତ ପାଂଚଶହ ଟଙ୍କା ପୁରସ୍କାର ପ୍ରଦାନ

୧୮୮୭ ସଂସ୍କାରକ ପତ୍ରିକା ଦ୍ୱାରା ରାଧାନାଥଙ୍କ ନାମରେ ଓଡ଼ିଆମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରୁଥିବାର ଅଭିଯୋଗ

୧୮୮୯ ରାଧାନାଥ ରାୟ, ଗୌରୀଶଙ୍କର ରାୟ, ମଧୁସୂଦନ ରାଓ, କପିଳେଶ୍ୱର ବିଦ୍ୟାଭୂଷଣ, ନିମାଇଁବଲ୍ଲଭ ଭଟ୍ଟାଚାର୍ଯ୍ୟ, କାଳୀପଦ ବନ୍ଦୋପାଧ୍ୟାୟ, ରାମଶଙ୍କର ରାୟ ଆଦିଙ୍କ ମିଳିତ ପରିଚାଳନାରେ ସମୀକ୍ଷା ଓ ସମାଲୋଚନା ପତ୍ରିକା *ସାହିତ୍ୟ ସମ୍ମିଳନୀ ସମାଲୋଚନା* ପତ୍ରିକା ପ୍ରକାଶନ ଆରମ୍ଭ

୧୮୯୦ ପଣ୍ଡିତ ଗୋବିନ୍ଦ ରଥଙ୍କ ଦ୍ୱାରା ରାଧାନାଥଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ । ବିଦ୍ୟାଳୟ ସମୂହର ଇନସପେକ୍ଟରଙ୍କ ଦ୍ୱାରା ତଦନ୍ତ ଓ ଆଧାରହୀନ ଅଭିଯୋଗ ହେତୁ ରାଧାନାଥ ଦୋଷମୁକ୍ତ

୧୮୯୧ ଓଡ଼ିଆ ଭାଷାର ବିକାଶ ଲକ୍ଷ୍ୟରେ ମୟୁରଭଞ୍ଜର ରାଜା ରାମଚନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପ୍ରକାଶିତ *ଉତ୍କଳପ୍ରଭା* ପତ୍ରିକାର ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ ।

୧୮୯୨ ୨୧ ଜୁନରେ ଓଡ଼ିଶା ମଣ୍ଡଳର ଇନସପେକ୍ଟର ପଦକୁ ରାଧାନାଥଙ୍କ ଅସ୍ଥାୟୀ ପଦୋନ୍ନତି ଏବଂ ୧ ଡିସେମ୍ବରରେ ସେହି ପଦରେ ସ୍ଥାୟୀ ଭାବେ ନିଯୁକ୍ତ

ପଣ୍ଡିତ ମହେନ୍ଦ୍ରନାଥ ତିୱାରିଙ୍କଠାରୁ ରାଧାନାଥଙ୍କ ହିନ୍ଦୀ ଶିକ୍ଷା

୧୮୯୩ କଟକର କାଳୀଗଳି ସ୍ଥିତ ନିଜର ନୂଆ ବାସଗୃହକୁ ରାଧାନାଥଙ୍କ ବାସାନ୍ତର

୧୮୯୫ ସ୍କୁଲ ପରିଦର୍ଶନ କାଳରେ ରାଧାନାଥଙ୍କ ସହିତ ନନ୍ଦକିଶୋର ବଳଙ୍କ ସାକ୍ଷାତ

ରାଧାନାଥଙ୍କ ପ୍ରଚେଷ୍ଟାରେ ଢେଙ୍କାନାଳଠାରେ ଏକ ଏନ୍‌ଟ୍ରାନ୍‌ସ୍ ସ୍କୁଲ ପ୍ରତିଷ୍ଠା

୧୮୯୭ ରାଣୀ ଭିକ୍ଟୋରିଆଙ୍କ ପଚସ୍ତରିତମ ଜନ୍ମଦିନ (ଡାଇମଣ୍ଡ ଜୁବୁଲି) ପାଳନ ଅବସରରେ ରାଧାନାଥଙ୍କୁ ରାୟ ବାହାଦୂର ଉପାଧି ଅର୍ପଣ

୧୮୯୯ ରାଧାନାଥଙ୍କ ଦ୍ୱାରା ରଚିତ *ମହାଯାତ୍ରା* କାବ୍ୟର ୫ମ ଅଧ୍ୟାୟ ସରକାରୀ ବିରୋଧୀ ବୋଲି ରାଧାନାଥଙ୍କ ଜଣେ ଅଧସ୍ତନ କର୍ମଚାରୀଙ୍କ ଅଭିଯୋଗ । ଏଥିରେ ମ୍ରିୟମାଣ ହୋଇ ଓଡ଼ିଆ ଭାଷାରେ ଆଉ ଲେଖନୀ

ଚାଳନା କରିବେ ନାହିଁ ବୋଲି ରାଧାନାଥଙ୍କ ପ୍ରତିଜ୍ଞା ତଥା ମହାଯାତ୍ରାର ୫ମ ଅଧ୍ୟାୟ ନିଜଦ୍ୱାରା ଅଗ୍ନିରେ ବିସର୍ଜନ

୧୯୦୦ ଇନସପେକ୍ଟର ଭାବେ ବର୍ଦ୍ଧମାନ ଜିଲ୍ଲାକୁ ରାଧାନାଥଙ୍କ ବଦଳି

୧୯୦୧ ରାଧାନାଥଙ୍କ ଅଗୋଚରରେ ଜ୍ୟେଷ୍ଠପୁତ୍ର ଶଶିଭୂଷଣଙ୍କ ଦ୍ୱାରା ଧବଳେଶ୍ୱର ଅରଣ୍ୟରେ ଏକ ଗୃହ ନିର୍ମାଣ । ରାଧାନାଥ ଏଥିରେ ଉଲ୍ଲସିତ ଓ ଚାକିରିରୁ ଅବସର ପରେ ସେଠାରେ ବାସ କରିବାକୁ ଆଗ୍ରହ ପ୍ରକାଶ

ପ୍ରୋଭିନ୍‌ସ୍ ସ୍ତରର ସର୍ବୋଚ୍ଚ ପଦବୀକୁ ରାଧାନାଥଙ୍କ ପଦନ୍ନୋତି

ବଙ୍ଗଳା କବି ନଗେନ୍ଦ୍ରବାଳାଙ୍କ ଦ୍ୱାରା ରାଧାନାଥଙ୍କ ଗୁଣଗାନରେ *ଭୂତଳେ ସ୍ୱର୍ଗ* କବିତା ଗ୍ରନ୍ଥ ପ୍ରକାଶିତ

୧୯୦୨ ରାଧାନାଥଙ୍କ ଗୁଣଗାନ କରି ନଗେନ୍ଦ୍ରବାଳାଙ୍କଦ୍ୱାରା ରଚିତ କବିତା ଗ୍ରନ୍ଥ ଅମୀୟଗାଥା ପ୍ରକାଶିତ ଓ ତାହା ରାଧାନାଥଙ୍କୁ ଉତ୍ସର୍ଗୀକୃତ

୧୯୦୩ ଚାକିରିରୁ ରାଧାନାଥଙ୍କ ଅବସର ଓ କଟକରେ ଅବସ୍ଥାନ

ଉତ୍କଳ ସାହିତ୍ୟ ସମାଜର ପ୍ରଥମ ବାର୍ଷିକ ବୈଠକରେ ରାଧାନାଥଙ୍କ ସଭାପତିତ୍ୱ । ଉଦ୍‌ଘାଟନୀ ସଙ୍ଗୀତ ଭାବେ ରାଧାନାଥଙ୍କଦ୍ୱାରା ରଚିତ ଭାରତଗୀତିକା ଗାନ

୧୯୦୪ ମଣ୍ଡାର ଜମିଦାର ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଆର୍ତ୍ତତ୍ରାଣ ମିଶ୍ରଙ୍କଦ୍ୱାରା ରାଧାନାଥଙ୍କୁ ଭବ୍ୟ ସମ୍ବର୍ଦ୍ଧନା

୧୯୦୫ ନଗେନ୍ଦ୍ରବାଳାଙ୍କ କଟକ ଆଗମନ ଓ ରାଧାନାଥଙ୍କ ସହିତ ଦ୍ୱିତୀୟବାର ସହାବସ୍ଥାନ

୧୯୦୬ ନଗେନ୍ଦ୍ରବାଳାଙ୍କ ଆତ୍ମହତ୍ୟା

୧୯୦୭ ନଗେନ୍ଦ୍ରବାଳାଙ୍କ ସହ ଅନୈତିକ ସମ୍ପର୍କକୁ ରାଧାନାଥଙ୍କ ସ୍ୱୀକାର ଓ ଅନୁତାପ

୧୯୦୮ ଜାନୁଆରି ୧୯ ରୁ ଏପ୍ରିଲ ୦୭ ପର୍ଯ୍ୟନ୍ତ ରାଧାନାଥଙ୍କ ଢେଙ୍କାନାଳ, ପାଲଲହଡ଼ା ଓ ବାମଣ୍ଡା ଭ୍ରମଣ

**୧୯୦୮ (ଚୈତ୍ର ପୂର୍ଣ୍ଣିମା) ଏପ୍ରିଲ ୧୭**

ରାଧାନାଥଙ୍କ ମହାପ୍ରୟାଣ